ଶ୍ରୀ ମଦ୍ଭଗବାନ୍ ଶଙ୍କରାଚାର୍ଯ୍ୟଙ୍କ ପ୍ରଣୀତ

ମୋହମୁଦ୍ଗର ।

ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା

ପଦ୍ୟାନୁବାଦିତ ଓ

ପ୍ରଥମବାର ପ୍ରକାଶିତ ।

ପ୍ରାପ୍ତିସ୍ଥାନ :—

ଦାଶରଥି-ପୁସ୍ତକାଳୟ

ବାଲୁବଜାର, କଟକ ।

ପୋ: ଅ: ଚାନ୍ଦନୀଚୌକ

ମୂଲ୍ୟ ୦ • ୦୬ ଛଅ ପଇସା ମାତ୍ର ।

Digitized by srujanika@gmail.com

ମୋହମୁଦ୍ଗର।

ଶ୍ଳୋକଃ :—ମୂଢ ଜହୀହି ଧନାଗମ-ତୃଷ୍ଣାଂ,
କୁରୁ ତନୁବୁଦ୍ଧେ ମନସି ବିତୃଷ୍ଣାଂ।
ଯଲ୍ଲଭସେ ନିଜ କର୍ମୋପାତ୍ତଂ,
ବିତ୍ତଂ ତେନ ବିନୋଦୟ ଚିତ୍ତଂ ।୧।

ଅର୍ଥ :—ଧନ ଅର୍ଜନର ଆଶା ଛାଡ଼ ମୂଢ଼ମନ।
ମନମତ୍ତ । ମନ କର ବାସନା ନାଶନ ॥
କର୍ମଫଳେ ଯେଉଁ ଧନ କରୁ ଉପାର୍ଜନ।
କର ସେଥିରେ ତୁମ୍ଭର ଚିତ୍ତ ବିନୋଦନ ।୧।

ଶ୍ଳୋକଃ :—କା ତବ କାନ୍ତା କସ୍ତେ ପୁତ୍ରଃ,
ସଂସାରୋଽୟ-ମତୀବ ବିଚିତ୍ରଃ।
କସ୍ୟତ୍ୱଂ ବା କୁତ ଆୟାତଃ,
ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ ।୨।

ଅର୍ଥ :—କେ ତୁମ୍ଭର ପତ୍ନୀ, କେବା ତୁମ୍ଭର ନନ୍ଦନ,
ଅତ୍ୟନ୍ତ ବିଚିତ୍ର ଏହି ସଂସାର ନିୟମ।
କିଏ ତୁମ୍ଭେ କେଉଁଠାରୁ ହୋଇଲ ଆଗତ,
ଏହି ତତ୍ତ୍ୱ ସାର ଚିନ୍ତାକର ସଦା ଭ୍ରାତ ।୨।

ଶ୍ଳୋକଃ :—ମାକୁରୁ ଧନ-ଜନ-ଯୌବନ-ଗର୍ବଂ।
ହରତି ନିମେଷାତ୍ କାଳ ସର୍ବଂ।
ମାୟା ମୟ-ମିଦ-ମଖିଳଂ ହିତ୍ୱା,
ବ୍ରହ୍ମପଦଂ ପ୍ରବିଶାଶୁ ବିଦିତ୍ୱା ।୩।

ଅର୍ଥ :—ଧନ ଜନ ଯୌବନରେ ଛାଡ଼ ବଡ଼ପଣ।
ନିମିଷକେ କରେ କାଳ ସେ ସବୁ ହରଣ।

Digitized by srujanika@gmail.com

ମାୟା ପୂର୍ଣ୍ଣେ ଏ ସକଳ ମନୁ ପରିହରି ।
ବ୍ରହ୍ମପଦେ ଲୀନ ହୁଅ ହୃଦରେ ବିଚାରି । ୩ ।

ଶ୍ଲୋକଃ :—ନଳିନୀ ଦଳଗତ-ଜଳ-ମତି ତରଳଂ,
ତଦ୍ବଜ୍ଜୀବନ-ମତିଶୟ ଚପଳଂ ।
ବିଦ୍ଧି ବ୍ୟାଧି ବ୍ୟାଳ ଗ୍ରସ୍ତଂ,
ଲୋକଂ ଶୋକହତଞ୍ଚ ସମସ୍ତଂ । ୪ ।

ଅର୍ଥ :—ପଦ୍ମପତ୍ରେ ଜଳ ଯଥା ହୁଏ ଢଳ ଢଳ,
ସେହିପରି ଏ ଜୀବନ ଅଟଇ ଚଞ୍ଚଳ ।
ରୋଗରୂପୀ ସର୍ପ ବିଷେ ସରବେ ପୀଡ଼ିତ ।
ଶୋକ ବିଷାଦରେ ପୁଣି ତହିଁ ଅନୁତପ୍ତ । ୪ ।

ଶ୍ଲୋକଃ :—ତତ୍ତ୍ୱଂ ଚିନ୍ତୟ ସତତଂ ଚିତ୍ତେ,
ପରିହର ଚିନ୍ତାଂ ନଶ୍ୱର ବିତ୍ତେ ।
କ୍ଷଣମିହ ସଜ୍ଜନ ସଙ୍ଗତିରେକା,
ଭବତି ଭବାର୍ଣ୍ଣବ ତରଣେ ନୌକା । ୫ ।

ଅର୍ଥ :—ସୁମନେ ସୁତତ୍ତ୍ୱ ଚିନ୍ତା କର ଅନୁକ୍ଷଣ,
ଧନ ଚିନ୍ତା କ୍ଷଣସ୍ଥାୟୀ କର ବିସର୍ଜ୍ଜନ ।
ଏ ଭବସାଗର ତରିବାକୁ ତରୀ ସମ ।
ସାଧୁସଙ୍ଗ ଅଟେ ଏକା ତହିଁର ସକ୍ଷମ । ୫ ।

ଶ୍ଲୋକଃ :—ଯାବଜ୍ଜନନଂ ତାବନ୍ମରଣଂ,
ତାବଜ୍ଜନନୀ ଜଠରେ ଶୟନଂ ।
ଇତି ସଂସାରେ ସ୍ଫୁଟତର ଦୋଷଃ,
କଥମିହ ମାନବ ତବ ସନ୍ତୋଷଃ । ୬ ।

ଅର୍ଥ :— ଜନମ ହୋଇଲେ ହୁଏ ନିଶ୍ଚୟ ମରଣ,
ମୃତ୍ୟୁପରେ ମାତୃଗର୍ଭେ ପୁନଶ୍ଚ ଶୟନ ।
ଏହିପରି ଏ ସଂସାରେ ଅଛି ବହୁ ଦୋଷ ।
ହେ ମାନବ ! ତେବେ ଏଥେଁ କିପରି ସନ୍ତୋଷ । ୬ ।

Digitized by srujanika@gmail.com

ଶ୍ଳୋକଃ :—ଦିନ-ଯାମିନ୍ୟୌ ସାୟଂ ପ୍ରାତଃ,
ଶିଶିର ବସନ୍ତୌ ପୁନରାୟାତଃ ।
କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁଃ,
ତଦପି ନ ମୁଞ୍ଚତ୍ୟାଶା-ବାୟୁଃ । ୭ ।

ଅର୍ଥ :—ଦିବସ ଯାମିନୀ ପୁଣି ସାୟାହ୍ନ ପ୍ରଭାତ,
ଶିଶିର ବସନ୍ତ କ୍ରମେ କରେ ଯାତାୟାତ ।
କ୍ରୀଡ଼ା କରେ କାଳ, କ୍ଷୟ ହେଉଅଛି ଆୟୁ,
ତଥାପି ନ ଛାଡ଼େ ନର ଆଶାରୂପ ବାୟୁ । ୭ ।

ଶ୍ଳୋକଃ :—ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ,
ଦନ୍ତ ବିହୀନଂ ଜାତଂ ତୁଣ୍ଡଂ ।
କରଧୃତ କମ୍ପିତ-ଶୋଭିତଂ ଦଣ୍ଡଂ,
ତଦପି ନ ମୁଞ୍ଚତ୍ୟାଶା-ପିଣ୍ଡଂ । ୮ ।

ଅର୍ଥ :—ପକ୍ୱ କେଶ ଜରା-ଜୀର୍ଣ୍ଣ ପୁଣି କଳେବର,
ମୁଖ ଗୋଟି ଦନ୍ତଶୂନ୍ୟ ହେଲାଣି ତାକର
କରେ ଯଷ୍ଟି ଧରି ବୃଦ୍ଧ ଥରି ଥରି ଚଳେ
ତଥାପି ନ ଛାଡ଼େ ଆଶା ପିଣ୍ଡକୁ ସେ ଗଳେ । ୮ ।

ଶ୍ଳୋକଃ :—ସୁର ମନ୍ଦିର-ତରୁମୂଳ-ନିବାସଃ,
ଶଯ୍ୟା ଭୂତଳ ମଜିନଂ ବାସଃ ।
ସର୍ବ ପରିଗ୍ରହ-ଭୋଗ ତ୍ୟାଗଃ,
କସ୍ୟ ସୁଖଂ ନ କରୋତି ବିରାଗଃ । ୯ ।

ଅର୍ଥ :—ସ୍ୱର୍ଗପୁରେ ଅବା ହେଉ ବୃକ୍ଷମୂଳେ ବାସ,
ମୃଗଚର୍ମ୍ମ ପରିଚ୍ଛଦ, ଶଯ୍ୟା ଭୂମି ଦେଶ ।
ଏ ସବୁ ବିଷୟ ତ୍ୟାଗ ଅଟଇ ବୈରାଗ୍ୟ
ନ ହିଏ କାହାର ହୃଦେ ଅମୃତ ସମ୍ଭୋଗ ? । ୯ ।

ଶ୍ଳୋକଃ :—ଶତ୍ରୌ ମିତ୍ରେ ପୁତ୍ରେ ବନ୍ଧୌ,
ମା କୁରୁ ଯତ୍ନଂ ବିଗ୍ରହ-ସନ୍ଧୌ ।

Digitized by srujanika@gmail.com

ଭବ ସମ ଚିତ୍ତଃ ସର୍ବତ୍ରତ୍ୱଂ,
ବାଞ୍ଛସ୍ୟଚିରାଦ୍ ଯଦି ବିଷ୍ଣୁତ୍ୱଂ । ୧୦ ।

ଅର୍ଥ :—ଶତ୍ରୁ ମିତ୍ରେ ପୁତ୍ରେ କିମ୍ବା ସୁହୃଦ ସ୍ୱଜନେ,
ପରିହର ଅଭିଳାଷ ସନ୍ଧି କିମ୍ବା ରଣେ ।
କର ଦରଶନ, ସବୁ ସମାନ ଦୃଷ୍ଟିରେ
ଶୀଘ୍ର ବିଷ୍ଣୁପାଦ ଲଭ ଯେବେ ଚିତ୍ତ ମନରେ । ୧୦ ।

ଶ୍ଳୋକଃ :—ଅଷ୍ଟ କୁଳାଚଳ ସପ୍ତ ସମୁଦ୍ରାଃ,
ବ୍ରହ୍ମ ପୁରନ୍ଦର ଦିନକର ରୁଦ୍ରାଃ ।
ନତ୍ୱଂ ନାହଂ ନାୟଂ ଲୋକଃ,
ତଦପି କିମର୍ଥଂ କ୍ରିୟତେ ଶୋକଃ । ୧୧ ।

ଅର୍ଥ :—ଅଷ୍ଟକୁଳ ଶୈଳ ଆଉ ସପତ ସମୁଦ୍ର,
ବ୍ରହ୍ମା ଇନ୍ଦ୍ର ଦିବାକର ଏକାଦଶ ରୁଦ୍ର ।
ତୁମ୍ଭେ ଆମ୍ଭେ ଆଉ ଯେତେ ଦେଖୁଅଛ ଲୋକ,
କେହି ନ ରହିବେ, ତେବେ କିମ୍ପା କର ଶୋକ ? ।୧୧।

ଶ୍ଳୋକଃ :—ତ୍ୱୟି ମୟି ଚାନ୍ୟ ତ୍ରୈକୋ ବିଷ୍ଣୁ,
ବ୍ୟର୍ଥଂ କୁପ୍ୟସି ମୟ୍ୟ ସହିଷ୍ଣୁଃ ।
ସର୍ବଂ ପଶ୍ୟାତ୍ମନ୍ୟାତ୍ମାନଂ,
ସର୍ବତ୍ରୋତ୍ସୃଜ ଭେଦଜ୍ଞାନଂ । ୧୨ ।

ଅର୍ଥ :—ତୁମ୍ଭେ ଆମ୍ଭେ ଆଉ ଯେତେ ଜନ୍ତୁ ଜୀବଗଣ,
ସର୍ବଦେହେ ଅବସ୍ଥିତ ଏକ ନାରାୟଣ ।
କହ ତେବେ ମିଛେ କିମ୍ପା ଭାବ ଅନ୍ୟେପର,
କ୍ଷମାତେଜି ତାହା ପ୍ରତି କିମ୍ପା କ୍ରୋଧକର ?
ନିଜ ସ୍ୱାରେ ସର୍ବଆତ୍ମା କର ଦରଶନ,
ସବୁଠାରେ ଭେଦ ବୁଦ୍ଧି କର ବିସର୍ଜନ । ୧୨ ।

ଶ୍ଳୋକଃ :—ବାଳ ସ୍ତାବତ୍ କ୍ରୀଡ଼ା ସକ୍ତଃ,
ତରୁଣ ସ୍ତାବତ୍ ତରୁଣୀ ରକ୍ତଃ ।

Digitized by srujanika@gmail.com

ବୃଦ୍ଧ ସ୍ତାବଚ୍ଚିନ୍ତା ମଗ୍ନଃ,
ପରମେ ବ୍ରହ୍ମଣି କୋଽପି ନ ଲଗ୍ନଃ । ୧୩ ।

ଅର୍ଥ :—ବାଳକ ବୟସେ ସଦ କ୍ରୀଡ଼ାରେ ରତ,
ଯୁବାରେ ଯୁବତୀ ସଙ୍ଗେ ପ୍ରଣୟେ ମୋହିତ ।
ବୟସ୍ଥ ଚିନ୍ତାରେ ବୃଦ୍ଧ ଅଟେ ନିମଗନ,
ନ କରନ୍ତି କେହି ପରଂବ୍ରହ୍ମଙ୍କ ଭଜନ । ୧୩ ।

ଶ୍ଳୋକଃ :—ଅର୍ଥ ମନର୍ଥଂ ଭାବୟ ନିତ୍ୟଂ,
ନାସ୍ତି ତତଃ ସୁଖଲେଶଃ ସତ୍ୟଂ ।
ପୁତ୍ରାଦପି ଧନ ଭାର୍ଯ୍ୟାଂ ଭୀତିଃ,
ସର୍ବତ୍ରୈଷା କଥିତା ନୀତିଃ । ୧୪ ।

ଅର୍ଥ :— ଅର୍ଥର ଅନର୍ଥ ମୂଳ ଭାବ ଯାଉ ନିତ,
ସତ୍ୟ ସତ୍ୟ ନାହିଁ ତହିଁ ସୁଖ ମୂଳମତ !
ଭାର୍ଯ୍ୟା ଧନୀ ପୁତ୍ରଧନୀ ଭୟେ ହୁଏ ଭୀତ,
ଏହି କଥା ହୁଏ ପୁଣି ସର୍ବତ୍ର ବିଦିତ । ୧୪ ।

ଶ୍ଳୋକଃ :—ଯାବଦ୍‌ବିତ୍ତୋ— ପାର୍ଜ୍ଜନ ଶକ୍ତଃ,
ତାବନ୍ନିଜ ପରିବାରୋ ରକ୍ତଃ ।
ତଦନୁ ଚ ଜରୟା ଜର୍ଜ୍ଜର ଦେହେ,
ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ । ୧୫ ।

ଅର୍ଥ :—ଧନ ଉପାର୍ଜ୍ଜନ ଶକ୍ତି ଥାଏ ଯେତେ ଦିନ,
ପରିତୋଷ ତେତେଦିନ ଆମ୍ଭ ପରିଜନ ।
ଜରାଜୀର୍ଣ୍ଣ ହେଲେ ମାତ୍ର ଆମ୍ଭ କଳେବର ।
ପଚାରିବେ ନାହିଁ କେହି ଥରେ ସମାଚାର । ୧୫ ।

ଶ୍ଳୋକଃ :—କାମଂ କ୍ରୋଧଂ ଲୋଭଂ ମୋହଂ,
ତ୍ୟକ୍ତ୍ୱାତ୍ମାନଂ ପଶ୍ୟତି କୋଽହଂ ।
ଆତ୍ମ ଜ୍ଞାନ-ବିହୀନା ମୂଢ଼ାଃ,
ତେ ପଚ୍ୟନ୍ତେ ନରକ ନିଗୂଢ଼ାଃ । ୧୬ ।

Digitized by srujanika@gmail.com

ଅର୍ଥ :—କାମ କ୍ରୋଧ ଲୋଭ ମୋହ କର ପରିହାର,
"ଶିବ ମୁହିଁ" ଏହି ଚିନ୍ତା ଚିନ୍ତ ନିରନ୍ତର ।
ଆତ୍ମଜ୍ଞାନ ବିରହିତ ଯେତେ ମୂଢ଼ଜନେ,
ପଚନ୍ତି ପଡ଼ି ଦୁସ୍ତର ନରକ ମଧ୍ୟରେ । ୧୭ ।

ଶ୍ଳୋକଃ :—ଷୋଡ଼ଶ-ପଜ୍ଝଟିକାଭି-ରଶେଷଃ,
ଶିଷ୍ୟାଣାଂ କଥିତୋହ୍ୟୁପଦେଶଃ ।
ଯେଷାଂ ନୈଷ କରୋତି ବିବେକଂ,
ତେଷାଂ କଃ କୁରୁତା-ମତିରେକଂ । ୧୭ ।

ଅର୍ଥ :—ପଜ୍ଝଟିକା ଛନ୍ଦେ ଗୁନ୍ଥା ଏ ଷୋଡ଼ଶ ଶ୍ଳୋକେ,
ସଦୁପଦେଶ ଦେଲେ ସଙ୍କ ଶିଷ୍ୟ ଲୋକେ ।
ଏଥିରେ ନୋହିବ ଯା'ଙ୍କ ଜ୍ଞାନର ସଞ୍ଚାର,
କିଏ ତାଙ୍କୁ ଶିଖାଇବ ଏଥୁ ବଳି ସାର । ୧୭ ।

ସମାପ୍ତ ।

କଟକ ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା
ମେସିନ୍‌ଯନ୍ତ୍ରେ ମୁଦ୍ରିତ । ୧୯୩୪

Digitized by srujanika@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକମାନ ଆମ୍ଭ ନିକଟରେ ସର୍ବଦା ଗଚ୍ଛିତ ଥାଏ ।
ଅଗ୍ରିମ ପଠାଇ ପୁସ୍ତକ ମଗାଇଲେ ଅଧିକ କମିଶନ ଦିଆଯାଏ ।

ସ୍ୱରରତ୍ନାକର	ଟ ୧ ।	ବିଲଙ୍କା ରାମାୟଣ	ଟ ୧ ୳
ଲକ୍ଷ୍ମୀପୁରାଣ	ଟ ୦ ।/	ବୃହତ୍ ଅଗ୍ନିପୁରାଣ	ଟ ୨ ୴
ଅଙ୍ଗଦପଡ଼ି	ଟ ୦ ।/	ଗଙ୍ଗାମାହାତ୍ମ୍ୟ	ଟ ୧
ଅଶ୍ୱମେଧଯଜ୍ଞ	ଟ ୦ ।/	କାର୍ତ୍ତିକ ମାହାତ୍ମ୍ୟ	ଟ ୧ ୳
ଭୂତକେଳି	ଟ ୦ ।୵	ତତ୍ତ୍ୱବୋଧ ୧ ସେ	ଟ ୭ ୳
ଲାବଣ୍ୟବତୀ	ଟ ୦ ୵	ସୁଦଶାବ୍ରତ କଥା	ଟ ୦ ୵
ଲକ୍ଷ୍ମଣ ଶକ୍ତିଭେଦ	ଟ ୦ ୵	ଅମର ଜୁମର	ଟ ୦ ୴
ଛିନାଷ୍ଟମେଳା	ଟ ୦ ୶	ବାମ୍ନ ପୁରାଣ	ଟ ୦ ୴
ନାମସଂକୀର୍ତ୍ତନ ୧ ସେ	ଟ ୧।	ହନୁ ଅର୍ଜ୍ଜୁନ କଳି	ଟ ୦ ୵
ସହଜ ଇଂରାଜୀ ଶିକ୍ଷା	ଟ ୦।/	ଛଅପୋଇ ଉଷା	ଟ ୦ ।/
ଖୁଲଣା ସୁନ୍ଦରୀ	ଟ ୧ ।	କାହ୍ଣା ଲହରୀ	ଟ ୦ ।୵
ଷୋଳକୁଞ୍ଜ ଚଉପଦୀ	ଟ ୦ ।/	ଚଣ୍ଡୀ ପୁରାଣ	ଟ ୨ ୲
ପ୍ରଭାତ ଅବକାଶ	ଟ ୦ ୶	ବରାହ ପୁରାଣ	ଟ ୧ ୳
ରାଧାକୃଷ୍ଣ ମିଳନ	ଟ ୦ ୶	ଭଜନ ପୁର	ଟ ୧ ୲
ରାଧାକୃଷ୍ଣ ଦାପ୍ତିକା	ଟ ୦ /୭	ମତ୍ସ୍ୟ ପୁରାଣ	ଟ ୧ ୲
ବୃହତ୍‌ନାମରତ୍ନଗୀତା	ଟ ୧ ୳	ବ୍ରହ୍ମାଣ୍ଡ ପୁରାଣ	ଟ ୦ ୴
କୋଟିବ୍ରହ୍ମାଣ୍ଡ ସୁନ୍ଦରୀ	ଟ ୫ ୳	ଗରୁଡ଼ ପୁରାଣ	ଟ ୧ ୳

ଓଡ଼ିଶା ଜଗନ୍ନାଥ କମ୍ପାନୀ
ବାଲୁବଜାର
ପୋ:ଅ: ବୁଢମଗଞ୍ଜକ, କଟକ

ପ୍ରୋପ୍ରାଇଟର
ଶ୍ରୀ ଜଗନ୍ନାଥ ସିଂହ

Digitized by srujanika@gmail.com